
# OSSSC Exam- Mock Test, PYQS , Note, E-Books Get Now On App




## Tech Of World

## Download App

GET IT ON Google Play

## Click Here

YouTube- Click Here

Telegram- Click Here

Facebook- Click Here

Download Tech Of World App
WtsApp/Call- 8596976190

## PART-C

## LANGUAGE TEST (ODIA) : 50 Marks

ନିର୍ଦ୍ଦେଶାବଳୀ : ଏହି ଭାଗର ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ପାଇଁ ଦୁଇ ମାର୍କ ରହିଛି । ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ଯତ୍ନ ସହକାରେ ପଢନ୍ତୁ ଏବଂ ତା ତଳେ ଦିଆଯାଇଥିବା ଉତ୍ତର ମାନଙ୍କ ମଧ୍ୟରୁ ସଠିକ୍ ଉତ୍ତର ନିର୍ଣ୍ଣୟ କରନ୍ତୁ ।
ଭୁଲ୍ ଉତ୍ତର କିମ୍ବା ଏକାଧିକ ଉତ୍ତର ପାଇଁ ପ୍ରଶ୍ନ ପିଛା 0.5 ମାର୍କ ଲେଖାଏଁ ବିୟୋଗ କରାଯିବ ।

**76.** ନିମ୍ନଲିଖିତ ବାକ୍ୟମାନଙ୍କ ମଧ୍ୟରୁ କେଉଁଟି ଏକ ବିସ୍ମୟସୂଚକ ବାକ୍ୟ ?

(A) ତୁମେ କଣ ଏଇ କାମ କରିପାରିବ ?
(B) ନିଅ, ଏଇ ଚିଠିଟା ଡାକ ବାକ୍ସରେ ପକାଇ ଦିଅ ।
(C) ଆଜି କି ଟାଣ ଖରା !
(D) ମତେ ଟଙ୍କାଟିଏ ଦିଅ ବାବୁ ।

**77.** ସଠିକ୍ ବାକ୍ୟଟି ବାଛ ।

(A) ମୂଷା ଗଣେଶଙ୍କ ବାହନ ଅଟେ ।
(B) ମୂଷା ଗଣେଷଙ୍କ ବାହନ ଅଟେ ।
(C) ମୂଶା ଗଣେଶଙ୍କ ବାହାନ ଅଟେ ।
(D) ମୂଷା ଗଣେଷଙ୍କ ବାହାନ ଅଟେ ।

**78.** ପିଲାଟା ଏପରି ---------- ଯେ, ଯାହା କହିବ ତାହା କରିବ ।

(ଶୂନ୍ୟସ୍ଥାନ ପାଇଁ ସଠିକ୍ ଉତ୍ତର ବାଛ)

(A) ବଣ ବିଛୁଆତି
(B) ନାଟର ଗୋବର୍ଦ୍ଧନ
(C) ହୁଙ୍କା ପିଟା
(D) ନଛୋଡବନ୍ଧା

**79.** 'ଅନ୍ଧର ଲଉଡି' ରୂଢ଼ିର ଅର୍ଥ କ'ଣ ?

(A) ଅସହାୟର ସହାୟ
(B) ନିଷ୍ଫଳ ପ୍ରାର୍ଥନା
(C) ଅତି ପ୍ରିୟ
(D) କ୍ଷୀଣ ଆଶ୍ରୟ

**80.** "ଦେଶକେ ଫାଙ୍କ୍ ନଇକେ ବାଙ୍କ୍ " ଲୋକବାଣୀ ର ଅର୍ଥ କ'ଣ ?

(A) ପ୍ରକୃତି ବଦଳେ ନାହିଁ
(B) ଭିନ୍ନ ସ୍ଥାନରେ ଭିନ୍ନ ଚଳଣି
(C) ସବୁସ୍ଥାନରେ ଖାପଖୁଆଇ ଚଳିବା
(D) ବାହାର ସୌନ୍ଦର୍ଯ୍ୟ ଭିତରେ ନଥିବା

**81.** 'ହୁଙ୍କାପିଟା' ରୂଢ଼ିର ଅର୍ଥ କ'ଣ ?

(A) କିଛି ନ ବୁଝି ମୁଖସ୍ଥ କରିବା
(B) ବିପଦ ନ ଆସୁଣୁ ଛାନିଆ ହେବା
(C) କିଛି ନ ବୁଝି ହଠାତ୍ କାମରେ ଲାଗିଯିବା
(D) ଏକଜିଦିଆ ହେବା

**82.** "Time waits for none." ଏହି ଇଂରାଜୀ ବାକ୍ୟର ଅର୍ଥ କଣ ?

(A) କିଏ ସମୟକୁ ଅପେକ୍ଷା କରେ ନାହିଁ ।
(B) ସମୟ ସମସ୍ତଙ୍କ ପାଇଁ ଅପେକ୍ଷା କରେ ।
(C) ସମୟ କିଛି ଲୋକଙ୍କ ପାଇଁ ଅପେକ୍ଷା କରେ ।
(D) ସମୟ କାହାକୁ ଅପେକ୍ଷା କରେ ନାହିଁ ।

**83.** "ଆଜିର ବୈଠକକୁ ବାତିଲ୍ କରାଗଲା" (ଏହି ବାକ୍ୟର ସଠିକ୍ ଇଂରାଜୀ କଣ?)

(A) Today's meeting was postponed.
(B) The meeting scheduled today was cancelled.
(C) The meeting was cancelled today.
(D) Today the meeting was cancelled.

Techofworld.in
Join Us-

Download Tech Of World App
WtsApp/Call- 8596976190



**84.** ଶୁଦ୍ଧ ବାକ୍ୟଟି ବାଛ ।

(A) ସବୁ ଛାତ୍ର ସବୁ ବହି ପଢିସାରିଛନ୍ତି ।
(B) ସବୁ ଛାତ୍ର ସବୁ ବହିଗୁଡିକ ପଢିସାରିଛନ୍ତି ।
(C) ସବୁ ଛାତ୍ରମାନେ ସବୁ ବହି ପଢିସାରିଛନ୍ତି ।
(D) ସବୁ ଛାତ୍ରମାନେ ସବୁ ବହିଗୁଡିକ ପଢିସାରିଛନ୍ତି ।

**85.** ଶୁଦ୍ଧ ବାକ୍ୟଟି ବାଛ ।

(A) ସେ ନିର୍ଦ୍ଧନୀ ହେଲେ ବି ନୀରୋଗୀ ଅଟନ୍ତି ।
(B) ସେ ନିର୍ଦ୍ଧନୀ ହେଲେ ବି ନୀରୋଗ ଅଟନ୍ତି ।
(C) ସେ ନିର୍ଦ୍ଧନ ହେଲେ ବି ନୀରୋଗ ଅଟନ୍ତି ।
(D) ସେ ନିର୍ଦ୍ଧନ ହେଲେ ବି ନୀରୋଗୀ ଅଟନ୍ତି ।

**ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପଢି ପ୍ରଶ୍ନ 86 ରୁ 90 ର ସଠିକ୍ ଉତ୍ତର ଦିଅ ।**

ମହୁଲ ମଞ୍ଜିରୁ ପ୍ରସ୍ତୁତ ତେଲ ବିକ୍ରି କରି ଆଦିବାସୀମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ।ଦଶନ୍ଧି ଦଶନ୍ଧି ଧରି ପାରମ୍ପାରିକ ଟୋଲରୁ ତେଲ ପ୍ରସ୍ତୁତ କରି ଗୁଜୁରାଣ ମେଣ୍ଟାଉଛନ୍ତି ମାଲକାନଗିରି ଜିଲ୍ଲାର ଆଦିବାସୀ । ମହୁଲ ମଞ୍ଜିକୁ ସ୍ଥାନୀୟ ଭାଷାରେ ଟୋଲ କୁହାଯାଏ । ଏହି ତେଲ କେବଳ କମ୍ ଦରରେ ଉପଲବ୍ଧ ତାହା ନୁହେଁ; ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ । ବଜାରରେ ଏବେ ୧୫୦ ରୁ ୨୦୦ ଟଙ୍କାରେ ସୋରିଷ ତେଲ ବିକ୍ରି ହେଉଥିବାବେଳେ ଅନ୍ୟାନ୍ୟ ଖାଇବା ତେଲ ୧୬୦ ରୁ ୧୮୦ ଟଙ୍କା ଉପରେ ବିକ୍ରି ହେଉଛି । ଏଭଳି ସମୟରେ ଆଦିବାସୀ ଓ ନିମ୍ନବର୍ଗର ଲୋକଙ୍କ ପାଇଁ ସାହା ଭରସା ପାଲଟିଛି ଟୋଲ ତେଲ । କିଲୋ ପ୍ରତି ୩ ଟଙ୍କାରେ ଟୋଲ ସଂଗ୍ରହ କରି ଏହା ପେଷି ତେଲ ବାହାର କରାଯାଇଥାଏ ।ଏକ କିଲୋ ଟୋଲ ପେଷିଲେ ପ୍ରାୟ ୨୫୦ ଗ୍ରାମ୍ ତେଲ ସଂଗ୍ରହ ହୋଇଥାଏ । ଏହି ଅନୁଯାୟୀ ୪ କିଲୋ ଟୋଲରେ ଏକ ଲିଟର ତେଲ ପ୍ରସ୍ତୁତ ହୋଇଥାଏ । ସ୍ଥାନୀୟ ବଜାରରେ ଏହି ତେଲ ଲିଟର ପିଛା ୧୨ ରୁ ୧୫ ଟଙ୍କାରେ ବିକ୍ରି ହେଉଛି । ଏହି ତେଲ ସ୍ୱାସ୍ଥ୍ୟ ଉପରେ ବିଶେଷ କିଛି ପ୍ରତିକୂଳ ପ୍ରଭାବ ପକାଏ ନାହିଁ । ତେବେ ମାତ୍ରାଧିକ ବ୍ୟବହାର ଖରାପ ବୋଲି କେତେକ ଚିକିତ୍ସା ବିଶେଷଜ୍ଞ ମତ ଦିଅନ୍ତି । ଖରାଦିନେ ମହୁଲ ଗଛରୁ ଟୋଲ ସଂଗ୍ରହ କରିଥାନ୍ତି ଆଦିବାସୀ । ଏହାକୁ ଫଟେଇ ଶୁଖାଇଥା'ନ୍ତି । ଶୁଖିବା ପରେ ନିକଟସ୍ଥ କାରଖାନାକୁ ନେଇ ପେଷେଇଥା'ନ୍ତି । ତେଲକୁ ସୁଆଦିଆ ଏବଂ ପତଳା କରିବା ପାଇଁ ସୋରିଷ ଓ ଜଙ୍ଗଲଜାତ ଦ୍ରବ୍ୟ ବ୍ୟବହାର କରିଥା'ନ୍ତି । କେବଳ ସେତିକି ନୁହେଁ, ଟୋଲ ଓ ତେଲ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି ଏମାନେ । ଏହି ତେଲ ପେଷେଇବା ମିଲ୍ ମାଲିକମାନେ ମଧ୍ୟ ଗ୍ରାହକଙ୍କଠାରୁ କମ୍ ପଇସା ନେଇଥା'ନ୍ତି । କାରଣ ଟୋଲରୁ ତେଲ ବାହାର କରିବା ପରେ ନିର୍ଗତ ହେଉଥିବା ଅଦରକାରୀ ଜିନିଷ ବାହାର ରାଜ୍ୟକୁ ବିକ୍ରି କରିଥା'ନ୍ତି ଏମାନେ । ଏଥିରେ ସାବୁନ୍ ତିଆରି ହେବା ସହ ମାଛଙ୍କ ଆହାର ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ । ସରକାର ଏବଂ ପ୍ରଶାସନ ପକ୍ଷରୁ ଏମାନଙ୍କୁ ସହଯୋଗ କରାଗଲେ ନିଜେ ତେଲ ବାହାର କରିବା ସହ ଉକ୍ତ ତେଲକୁ ବିକ୍ରି କରି ଅଦରକାରୀ ଜିନିଷକୁ ମଧ୍ୟ ଅନ୍ୟ ରାଜ୍ୟକୁ ବିକ୍ରି କରି ବେଶ୍ ଦୁଇ ପଇସା ଉପାର୍ଜନ କରିପାରନ୍ତେ ।

**86.** ମହୁଲ ମଞ୍ଜି ପେଷେଇବା ପାଇଁ ମିଲ୍‌ବାଲା କାହିଁକି କମ୍ ପଇସା ମାଗନ୍ତି ?

(A) ଗ୍ରାହକମାନେ ଗରୀବ ଆଦିବାସୀ ହୋଇଥିବାରୁ
(B) ସରକାରଙ୍କ ତରଫରୁ ମିଲ୍‌ବାଲାଙ୍କୁ ଆର୍ଥିକ ସାହାଯ୍ୟ ମିଳୁଥିବାରୁ
(C) ପେଷେଇବା ପରେ ରହିଯାଉଥିବା ବଳକା ଅଦରକାରୀ ଜିନିଷକୁ ବିକି ମିଲ୍‌ବାଲା କିଛି ପଇସା ପାଉଥିବାରୁ
(D) ମହୁଲ ମଞ୍ଜି ଓ ମହୁଲ ତେଲ ବହୁତ ଶସ୍ତା ହୋଇଥିବାରୁ

**87.** ଏକ କିଲୋ ମହୁଲ ମଞ୍ଜି ପେଷେଇ ଯେତିକି ତେଲ ବାହାରେ, ତାହା ସ୍ଥାନୀୟ ବଜାରରେ ପ୍ରାୟ କେତେ ଟଙ୍କାରେ ବିକ୍ରି ହୁଏ ?

(A) ୧୨ ରୁ ୧୫ ଟଙ୍କା
(B) ୩ ରୁ ୪ ଟଙ୍କା
(C) ୧୫୦ ରୁ ୨୦୦ ଟଙ୍କା
(D) ୧୬୦ ରୁ ୧୮୦ ଟଙ୍କା

**88.** ମହୁଲ ମଞ୍ଜିର ଉପକାରିତା କ'ଣ ?

(A) ଏଥିରୁ ଶସ୍ତା ଓ ଶରୀର ପାଇଁ ଉପକାରୀ ତେଲ ବାହାରେ ।
(B) ଏଥିରୁ ସାବୁନ୍ ତିଆରି କରାଯାଏ ।
(C) ଏଥିରୁ ମାଛଙ୍କ ପାଇଁ ଖାଦ୍ୟ ତିଆରି କରାଯାଏ ।
(D) ଉପରଲିଖିତ ସମସ୍ତ ଉତ୍ତର ସଠିକ୍ ଅଟେ ।

Join Us-

Download Tech Of World App WtsApp/Call- 8596976190



**89.** ମାଲକାନଗିରି ଜିଲ୍ଲାର ଆଦିବାସୀମାନେ କେବେଠାରୁ ଟୋଲ ତେଲ ତିଆରି କରିଆସୁଛନ୍ତି ?

(A) ମାଲକାନଗିରି ଏକ ଜିଲ୍ଲା ଭାବେ ଘୋଷଣା ହେବା ପରେ

(B) ଆଦିବାସୀମାନଙ୍କୁ ଟୋଲ ତେଲ ପାଇଁ ସରକାରୀ ସାହାଯ୍ୟ ମିଳିବା ପରେ

(C) ବହୁତ ବର୍ଷ ତଳୁ

(D) ସୋରିଷ ତେଲ ଓ ଅନ୍ୟାନ୍ୟ ଖାଇବା ତେଲ ମହଙ୍ଗା ହେବା ପରେ

**90.** ନିମ୍ନଲିଖିତ କେଉଁ ବାକ୍ୟଟି ସଠିକ୍ ଅଟେ ।

(A) ଆଦିବାସୀମାନେ ବର୍ଷସାରା ମହୁଲ ମଞ୍ଜି ସଂଗ୍ରହ କରିଥାନ୍ତି ।

(B) ଟୋଲ ତେଲକୁ ସୁଆଦିଆ କରିବା ପାଇଁ ମାଛ ଖାଦ୍ୟ ମିଶାଯାଏ ।

(C) ମହୁଲ ମଞ୍ଜି ସଂଗ୍ରହ କରୁଥିବା ଆଦିବାସୀମାନଙ୍କ ଆର୍ଥିକ ଉନ୍ନତି ପାଇଁ ସରକାର ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ଦରକାର ।

(D) ଉପରଲିଖିତ କୌଣସି ଉତ୍ତର ସଠିକ୍ ନୁହେଁ ।

**(ପ୍ରଶ୍ନ 91 ରୁ 95 : ଶବ୍ଦର ସଠିକ ଅର୍ଥ ବାଛ ।)**

**91.** 'ଜିଜ୍ଞାସା'

(A) ଜିଣିବାର ଇଚ୍ଛା (B) ଜଣେଇବାର ଇଚ୍ଛା (C) ଜାଣିବାର ଇଚ୍ଛା (D) ଜିଁଇବାର ଇଚ୍ଛା

**92.** 'ଅସମାହିତ'

(A) ଯାହାର ସମାଧାନ ଅଛି (B) ଯାହାର କିଛି ସମାଧାନ ନାହିଁ

(C) ଯାହା ଅସମାନ ଅଟେ (D) ଯିଏ ଅସମାନ ହିତ କରେ

**93.** 'ଅକ୍ଷମଣୀୟ'

(A) ଯାହାକୁ କ୍ଷମାକରାଯାଇପାରିବ (B) ଯିଏ ଅକ୍ଷମ ଅଟେ

(C) ଯିଏ ଅକ୍ଷମ ନୁହେଁ (D) ଯାହାର କ୍ଷମା ନାହିଁ

**94.** 'ପ୍ରାସାଦ'

(A) ବଡ ମନ୍ଦିର (B) ଭୋଗ ରନ୍ଧା ହେଉଥିବା ଘର

(C) ଠାକୁରଙ୍କ ଭୋଗ (D) ବଡ କୋଠା ଘର

**95.** 'ସଙ୍ଗରୋଧ'

(A) ସାଙ୍ଗଙ୍କୁ ଅନୁରୋଧ କରିବା (B) ବିନା ସାଙ୍ଗରେ ରହିବା

(C) ସାଙ୍ଗଙ୍କ ସହ ରହିବା (D) ସାଙ୍ଗ ସହ ମିଶି ଅପରାଧ କରିବା

**(ପ୍ରଶ୍ନ 96 ରୁ 100 : ଶୁଦ୍ଧ ବନାନ ଥିବା ଶବ୍ଦ ଦୁଇଟି ବାଛ ।)**

**96.** (A) ମ୍ରିୟମାଣ, ଅପରାହ୍ନ (B) ମ୍ରିୟମାନ, ଅପରାହ୍ନ (C) ମ୍ରିୟମାଣ, ଅପରାହ୍ନ (D) ମ୍ରୀୟମାଣ, ଅପ୍ରାହ୍ନ

**97.** (A) ଗବେଷଣା, ଉତ୍କର୍ଷ (B) ଗବେସଣା, ଉତ୍କର୍ସ (C) ଗବେଶଣା, ଉତ୍କର୍ଶ (D) ଗବେଷଣା, ଉର୍କ୍ତଷ

**98.** (A) ସାଲିସ୍, ବକ୍ଷିଶ (B) ସାଲିଷ୍, ବକ୍ଶିସ୍ (C) ଶାଲିସ୍, ବକ୍ସିସ୍ (D) ସାଲିସ୍, ବକ୍ସିସ

**99.** (A) ଲଜ୍ୟା, ଶାରୀରିକ (B) ଲଜ୍ଜା, ଶାରୀରିକ (C) ଲଜ୍ଜା, ଷାରୀରିକ (D) ଲଜ୍ୟା, ଶାରୀରୀକ

**100.** (A) ସାହସ, ସାହାଯ୍ୟ (B) ସାହାସ, ସାହାର୍ଯ୍ୟ (C) ସାହାସ, ସାହାଯ୍ୟ (D) ସାହସ, ସାହାର୍ଯ୍ୟ

Techofworld.in

Join Us-